# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 March - 2025

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ବିଶୃଙ୍ଖଳିତ ଆଚରଣ ପାଇଁ ଦୁଇଦିନ ମଧ୍ୟରେ କଂଗ୍ରେସର ସମସ୍ତ ୧୪ ଜଣ ସଦସ୍ୟ ୭ ଦିନ ପାଇଁ ବିଧାନସଭାରୁ ନିଲମ୍ବିତ

— ଗୃହରେ ସ୍ଥିତାବସ୍ଥା ଜାରି ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

- ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନେଲେ ଶପଥ

- ଖାଦ୍ୟ ଅପମିଶ୍ରଣର ଅଭିଯୋଗ ଆସିଲେ ସରକାର ତୁରନ୍ତ ଯାଞ୍ଚ ପାଇଁ ନେଉଛନ୍ତି ପଦକ୍ଷେପ; ଲୋକସଭାରେ କହିଲେ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ

ଏବଂ

- ଚଳିତ ସପ୍ତାହର ଶେଷ ବେଳକୁ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୨ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ସୂଚନା

# ବିଧାନସଭା-୧

ବିଧାନସଭା ବଜେଟ୍ ଅଧିବେଶନର ତ୍ରୟୋଦଶ ଦିନରେ ଆଜି ମଧ୍ୟ ଗୃହରେ କଂଗ୍ରେସ ସଦସ୍ୟମାନଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଆଜି ବାକି ଦୁଇଜଣ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଜେନାଙ୍କୁ ଗୃହରୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରିଛନ୍ତି। ଆଜିର ଦୁଇଜଣ ସଦସ୍ୟଙ୍କୁ ମିଶାଇ କଂଗ୍ରେସର ସମସ୍ତ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ୨ କଂଗ୍ରେସ୍ ସଦସ୍ୟଙ୍କ ବିରୋଧରେ ନିଲମ୍ବନ ପ୍ରସ୍ତାବ ଆଗତ କରିଥିଲେ। ସଂଖ୍ୟାଧିକ ସରକାରୀ ଦଳର ସଦସ୍ୟମାନେ ପ୍ରସ୍ତାବକୁ ସମ୍ମତି ଜଣାଇବା ପରେ ବାଚସ୍ପତି ପ୍ରସ୍ତାବକୁ ଅନୁମୋଦନ କରିଥିବା ଜଣାପଡିଛି।

ଅନ୍ୟପକ୍ଷରେ, ବିଜୁ ଜନତା ଦଳ ସଦ୍ୟମାନେ ପ୍ରଶ୍ନକାଳ ବର୍ଜନ କରିଥିଲେ। ଅନୁସୂଚିତ ଜାତି, ଅସୁସୂଚିତ ଜନଜାତି ଏବଂ ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି କରି ବିଜେଡି ବିଧାୟକମାନେ ଏ.ଜି. ଛକରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରୁ ପଦଯାତ୍ରାରେ ଆସି ବିଧାନସଭା ସମ୍ମୁଖ ଗେଟ୍‌ରେ ପହଞ୍ଚିଥିଲେ। ପରେ ଗୃହକୁ ଆସି ଗତକାଲି ଏବଂ ଆଜି ବାଚସ୍ପତି ଗୃହରେ ନେଇଥିବା ପଦକ୍ଷେପ ଏବଂ ଅନ୍ୟ ଘଟଣା ଉପରେ ବାଚସ୍ପତିଙ୍କଠାରୁ ବିବୃତ୍ତି ଦାବି କରିଥିଲେ।

ବିଶୃଙ୍ଖଳିତ ପରିସ୍ଥିତି ପାଇଁ ଆଜିର ପୂର୍ବାହ୍ନ ଅଧିବେଶନରେ ଗୃହକୁ ବାଚସ୍ପତି ଓ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୋଟ୍ ୪ ଥର ଗୃହକୁ ମୁଲତବୀ ରଖିଥିଲେ। ପରିଶେଷରେ ଗୃହକାର୍ଯ୍ୟକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଉପବାଚସ୍ପତି ମୁଲତବୀ ରଖିଛନ୍ତି। ଆଜି ଗୃହରେ ପ୍ରଶ୍ନକାଳ ହୋଇନଥିବାବେଳେ ଶୂନ୍ୟକାଳରେ ବିଜେଡି ସଦସ୍ୟମାନେ କଂଗ୍ରେସ ସଦସ୍ୟମାନଙ୍କ ଉପରେ ବାଚସ୍ପତି ନେଇଥିବା ନିଲମ୍ବନ ପଦକ୍ଷେପକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ଏବଂ ବାଚସ୍ପତିଙ୍କ ବିବୃତ୍ତି ଦାବି କରିଥିଲେ। ଶାସକ ଦଳ ପକ୍ଷରୁ ବାଚସ୍ପତିଙ୍କର ନିଷ୍ପତ୍ତିକୁ ପୂର୍ଣ୍ଣ ସମର୍ଥନ କରାଯାଇଥିଲା।

ଅନ୍ୟପକ୍ଷରେ, ଗତକାଲି ନିଲମ୍ବିତ ହୋଇଥିବା କଂଗ୍ରେସ ବିଧାୟକମାନେ ବିଧାନସଭା ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରିବାରୁ ପୁଲିସ୍ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଧାନସଭା ଅଂଚଳରେ ୧୬୩ ଧାରା ଲଗାଯାଇଛି। ନିଲମ୍ବିତ କଂଗ୍ରେସ ବିଧାୟକମାନେ ବିଧାନସଭା ଫାଟକ ସମ୍ମୁଖରେ ଧାରଣା ଦେବା ଓ ମୁଖ୍ୟ ଦ୍ୱାର ଦେଇ ବଳପୂର୍ବକ ବିଧାନସଭା ଭିତରକୁ ପଶିବା ପାଇଁ ଉଦ୍ୟମ କରିବାରୁ ପୁଲିସ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

## ବିଧାନସଭା-୨

ଗୃହର ସୁପରିଚାଳନା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ଉପନେତା ଓ ମୁଖ୍ୟ ସଚେତକ ଏବଂ

ସରକାରୀ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବା ପରେ ସମାଧାନର ରାସ୍ତା ବାହାରି ଥିବା ଜଣାପଡିଛି । ବିଧାନସଭାର ଅପରାହ୍ଣ ଅଧିବେଶନରେ ଆଜି ସ୍ୱରାଷ୍ଟ୍ର ବିଭାଗର ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚଦାବି ଉପରେ ଆଲୋଚନା ହେବ ବୋଲି ଜଣାପଡିଛି ।

## ବିଧାନସଭା-୩

ରାଜ୍ୟର ଯୁବକ-ଯୁବତୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ତଥା ରୋଜଗାରକ୍ଷମ କରିବା ଲାଗି ମୁଖ୍ୟମନ୍ତ୍ରୀ ମତ୍ସ୍ୟକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ସ୍ୱତନ୍ତ୍ରଭାବେ ରିହାତି ମଧ୍ୟ ଦିଆଯାଉଛି ବୋଲି ଗୃହରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଶାସକ ଦଳ ବିଧାୟିକା କୁମାରୀ ସଞ୍ଜଲି ମୁର୍ମୁଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ମନୋରଞ୍ଜନ ଜ୍ଞାନ ସାମନ୍ତରାୟ, କୃଷ୍ଣଚନ୍ଦ୍ର ନାୟକଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲିକ କହଛନ୍ତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ୨ଟି ଗାଇର ମୂଲ୍ୟ ପ୍ରଦାନ କରାଯାଉଛି । ଏଥିରେ ସବ୍‌ସିଡିର ମଧ୍ୟ ବ୍ୟବସ୍ଥା ରହିଛି । ସାଧାରଣ ବର୍ଗର ଲୋକଙ୍କ ପାଇଁ ୬୦ ପ୍ରତିଶତ ଏବଂ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗଙ୍କ ପାଇଁ ୭୦ ପ୍ରତିଶତ ସବ୍‌ସିଡି ବ୍ୟବସ୍ଥା ଅଛି ।

# ଓଡ଼ିଶା ହାଇକୋର୍ଟ- ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ ଆଜି ପୂର୍ବାହ୍ନ ୧୦ଟାରେ ଶପଥ ଗ୍ରହଣ କରିଛନ୍ତି । ହାଇକୋର୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି’ ବିଚାରପତି ହରିଶ ଟଣ୍ଡନଙ୍କୁ ଶପଥ ପାଠ କରାଇଥିଲେ।

ସୂଚନାଯୋଗ୍ୟ ଚଳିତମାସ ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ହରିସ୍ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ନିଯୁକ୍ତ କରିବାକୁ ସୁପାରିସ୍ କରିବା ପରେ ରାଷ୍ଟ୍ରପତି ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ ।

ଜଷ୍ଟିସ୍ ହରିଶ୍ ଟଣ୍ଡନ ୧୯୮୯ ମସିହା ସେପ୍ଟେମ୍ବର ମାସ ୨୬ ତାରିଖରେ କଲିକତା ହାଇକୋର୍ଟର ଆଇନ୍‌ଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୦ ମସିହା ଏପ୍ରିଲ୍ ମାସ ୧୩ ତାରିଖରେ କଲିକତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

# ପ୍ରହ୍ଲାଦ ଯୋଶୀ

ଖାଦ୍ୟ ଅପମିଶ୍ରଣ ସଂକ୍ରାନ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାରେ ଆଜି

ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ, ଖାଦ୍ୟ ଅପମିଶ୍ରଣ ନେଇ କୌଣସି ଅଭିଯୋଗ ଆସିଲେ ସରକାର ସଙ୍ଗେ ସଙ୍ଗେ ଘଟଣାର ଯାଞ୍ଚ କରୁଛନ୍ତି । ଏଥିସହିତ ଯଦି କୌଣସି ଖାଦ୍ୟ ସାମଗ୍ରୀ ମଣିଷର ଖାଇବା ଉପଯୋଗୀ ନୁହେଁ ବୋଲି ଜଣାପଡୁଛି, ସେଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଉଛି । ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କରିବା ଲାଗି ଦେଶରେ ଏଫ୍‌ଏସ୍‌ଏସ୍‌ଏଆଇ ର ୨୪୨ଟି ଲାବୋରେଟୋରୀ, ୪ଟି ରେଫରାଲ୍ ଲାବୋରେଟୋରୀ ଏବଂ ଭ୍ରାମ୍ୟମାଣ ଖାଦ୍ୟ ଯାଞ୍ଚ ଲାବୋରେଟୋରୀ ରହିଛି । ଖାଦ୍ୟ ଅପମିଶ୍ରଣ ଯେଭଳି ନ ହେବ, ସେଥିଲାଗି ସରକାର ଲୋକମାନଙ୍କୁ ସଚେତନ କରିବା ସକାଶେ ସାମାଜିକ ଗଣମାଧ୍ୟମକୁ ବ୍ୟାପକ ଭାବେ ବ୍ୟବହାର କରୁଛନ୍ତି ।

## ଦାବିଦାର ନଥିବା ବ୍ୟାଙ୍କ ଖାତା

ଦେଶରେ ଥିବା ବିଭିନ୍ନ ବ୍ୟାଙ୍କରେ ଦାବିଦାର ନଥିବା ୭୮ ହଜାର ୨୧୩ କୋଟି ଟଙ୍କା ଜମା ରହିଛି । ଦାବିହୀନ ଜମା ଏବଂ ଅଚଳ ବ୍ୟାଙ୍କ ଖାତା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର.ବି.ଆଇର ନୂଆ ନିୟମକୁ ବ୍ୟାଙ୍କଗୁଡ଼ିକ ଆସନ୍ତା ମାସ ପହିଲାରୁ ଆରମ୍ଭ କରିବାକୁ ଯାଉଛନ୍ତି । ଆର.ବି.ଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ସେମାନଙ୍କ ୱେବ୍‌ସାଇଟ୍‌ରେ ଦାବିହୀନ ଜମା ବିବରଣୀ ପ୍ରଦାନ କରିବେ । ଯେଉଁଥିରେ ଖାତାଧାରୀଙ୍କ ସୂଚନା ଓ ସର୍ଚ୍ଚ ସୁବିଧା ଉପଲବ୍ଧ ରହିବ । ଜଣେ ଗ୍ରାହକ ନିଜର ବିବରଣୀ

ଦେବା ପରେ ବ୍ୟାଙ୍କ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ଗ୍ରାହକଙ୍କୁ ସମ୍ପର୍କ କରିବା ସହ ଆବଶ୍ୟକ ଯାଞ୍ଚ ପରେ ଟଙ୍କା ଫେରସ୍ତ କରିବ। ଏଥିସହ ଗ୍ରାହକମାନେ ଆର.ବି.ଆଇ.ର ୟୁ.ଡି.ଜି.ଏ.ଏମ୍. ପୋର୍ଟାଲ୍‌ରେ ଦାବିହୀନ ଜମା ନେଇ ସୂଚନା ମଧ୍ୟ ପାଇପାରିବେ।

## ଦୁର୍ଘଟଣା

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିକଟସ୍ଥ ବୁଢ଼ାଆମ୍ବଠାରେ ସଡକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଦୁଇଜଣ ସ୍ୱାମୀ-ସ୍ତ୍ରୀ ଥିବା ଜଣାପଡିଛି। ଏକ ଦୁଇଚକିଆ ଯାନକୁ ଅଟୋ ଧକ୍‌କା ଦେବାରୁ ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାମୀର ମୃତ୍ୟୁ ଘଟିଥିବା ଜଣାପଡିଛି। ହେଲେ ଦୁର୍ଘଟଣାରେ ସେମାନଙ୍କର ୪ ବର୍ଷର ଝିଅ ବର୍ତ୍ତିଯାଇଛି। ମୃତବ୍ୟକ୍ତିମାନେ ନିକଟସ୍ଥ ଶାଳବଣ ଗ୍ରାମର ବୋଲି ଜଣାପଡିଛି।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି

**ବୌଦ୍ଧ** ବ୍ଲକ୍ ବହିରା ଗ୍ରାମପଞ୍ଚାୟତର ତେନ୍ତୁଳିପାଲି ମହାନଦୀ ଘାଟରେ ମତ୍ସ୍ୟସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ଉନ୍ନତମାନର ଅଙ୍ଗୁଳିକା ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାନଦୀ ପାଣିରେ ରାସାୟନିକ ଔଷଧ ପ୍ରୟୋଗ ଏବଂ ବିସ୍ଫୋରକ ମାଧ୍ୟରେ ମାଛ ନ ମାରିବା

ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏଥିସହ ତେନ୍ତୁଳିପାଲି ମହାନଦୀରେ ୭ ଲକ୍ଷ ୫୦ ହଜାର ଯାଆଁଳ ଛଡାଯାଇଥିଲା।

## ସମବାୟ ବର୍ଷ

**ବୌଦ୍ଧ** ଆଦର୍ଶ କୃଷକ ବଜାରଠାରେ ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ପ୍ରାଥମିକ ସମବାୟ ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ ଭାଗ ନେଇଥିଲେ। ମନୋପାଲି, ଧରିତ୍ରୀ, ପରିପରିବା ଉତ୍ପାଦନ ସମବାୟ ସମିତି ଏବଂ ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କୃଷ୍ଟ ସମବାୟ ସମିତି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆତ୍ମରକ୍ଷା ତାଲିମ୍

**ଭଦ୍ରକ** ଜିଲ୍ଲା ବଁନ୍ତ ବ୍ଲକ୍ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ୭ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୫୦ ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ନେଉଛନ୍ତି।

## ଖଡିଛୁଆଁ ନିମନ୍ତ୍ରଣ

**ନବରଙ୍ଗପୁର** ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍‌ରେ ଶିଶୁବାଟିକା ପ୍ରବେଶ ଉତ୍ସବ ଓ ଖଡିଛୁଆଁ ପାଇଁ ବିଇଓ ବିଭିନ୍ନ ଗ୍ରାମରେ ନିମନ୍ତ୍ରଣପତ୍ର ବାଣ୍ଟିଛନ୍ତି। ଏଥିସହ ଅଭିଭାବକଙ୍କୁ ସହ ନୂତନ ଶିକ୍ଷାନୀତି ସମ୍ପର୍କରେ ସଚେତନ କରାଇଥିଲେ।

## ତାଲିମ ଶିବିର

**ଗଜପତି** ଜିଲ୍ଲାସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରାଣୀଚିକିତ୍ସା ଓ ପ୍ରାଣୀବିଦ୍ୟାଳୟ ପରିସରରେ ପ୍ରାଣୀ ଚିକିତ୍ସକଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ  ଆସିଥିବା ୨୨ ଜଣ ପ୍ରାଣୀଚିକିତ୍ସକଙ୍କୁ ନୂତନ ଜ୍ଞାନକୌଶଳ ସାହାର୍ଯ୍ୟରେ ରୋଗ ନିଦାନ ଓ ନିରାକରଣ ଚିକିତ୍ସା ଉପରେ ତାଲିମ ଦିଆଯାଇଥିଲା।

## ସହାୟତା ରାଶି ବଂଟନ

**ଗଜପତି** ଜିଲ୍ଲା ରାୟଗଡ ବ୍ଲକ୍‌ର କରଡାସିଂହ ପଂଚାୟତର ପଦ୍ମପୁର ଗ୍ରାମରେ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆନୁକୂଲ୍ୟରେ ସହାୟତା ରାଶି ବଣ୍ଟନ କରାଯାଇଛି। ପାରଳାଖେମୁଣ୍ଡି ଆଇ.ଟି.ଡି.ଏ. ପ୍ରକଳ୍ପର ପ୍ରଶାସକ ଅଂଶୁମାନ ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ୪୦ ଜଣ ଚାଷୀଙ୍କୁ ମୋଟର ପମ୍ପ ବଣ୍ଟନ କରାଯାଇଥିଲା।

# ପାଣିପାଗ

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବ କମିଯାଇଥିବା ବେଳେ  ଶୁକ୍ରବାର ପର୍ଯ୍ୟନ୍ତ ପାଣିପାଗ ସମ୍ପର୍କିତ କୌଣସି ସତର୍କ ସୂଚନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହର ଶେଷ ଆଡ଼କୁ ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଦୁଇରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଅନୁମାନ କରାଯାଇଛି ।  କେତେକ ସ୍ଥାନରେ ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସରୁ ଅଧିକ ରହିବ, ହେଲେ ରାତିର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନ ଥିବା ପାଣିପାଗ ବିଭାଗ କହିଛି ।